


# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଫେବୃୟାରୀ-୨୦୨୧ FEBRUARY - 2021


## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚୂଚେରୀ ବେଶ

ଶାସ୍ତ୍ରରେ ଉଲ୍ଲେଖ ଅଛି- 'ଅଳଙ୍କାର ପ୍ରିୟୋ ବିଷ୍ଣୁଃ' । ବସ୍ତୁତଃ ମହାବିଷ୍ଣୁ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ, ବେଶ ପ୍ରିୟ ଅଟନ୍ତି । ରତ୍ନସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କର ବିଭିନ୍ନ ଯାତ୍ରା ଉତ୍ସବମାନଙ୍କରେ ବେଶ ବା ଶୃଙ୍ଗାର କରାଯାଏ, ଯଥା- ପୁଷ୍ପଶୃଙ୍ଗାର, ବସ୍ତ୍ରଶୃଙ୍ଗାର, ସ୍ୱର୍ଣ୍ଣଶୃଙ୍ଗାର ଏବଂ ଜରିଜମ୍ବୁରାଦିରେ ଶୃଙ୍ଗାର । ବର୍ଷର ବିଭିନ୍ନ ଋତୁ ଅନୁସାରେ, ବିଭିନ୍ନ ଯୁଗର ଅବତାର ଲୀଳା ଅନୁସାରେ ବେଶ ରଚନା କରାଯାଏ ।

ଋତୁରାଜ ବସନ୍ତର ଅପରୂପ ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଏବଂ ସୌକୁମାର୍ଯ୍ୟକୁ ଲକ୍ଷ୍ୟ କରି ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବଦ୍‌ଗୀତାରେ କହିଛନ୍ତି- "ଋତୂନାଂ କୁସୁମାକରଃ' (୧୦/୩୫) ଅର୍ଥାତ୍ ଋତୁମାନଙ୍କ ମଧ୍ୟରେ ମୁଁ ବସନ୍ତ ଅଟେ । ଫାଲଗୁନ୍ ମାସରେ ପ୍ରକୃତିରେ ବିଭିନ୍ନ ପ୍ରକାର ପୁଷ୍ପରାଜିର ସମ୍ଭାର ଯୋଗୁଁ ବସନ୍ତକୁ "କୁସୁମାକର' ରୂପେ ଅଭିହିତ କରାଯାଏ ।



ଭଗବାନ୍ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପୀ-ଗୋପାଳଙ୍କ ସହ ବସନ୍ତ ରାସ ରଚନା କରୁଥିଲେ । ଅଧୁନା ଅନୁଷ୍ଠିତ ବସନ୍ତୋତ୍ସବ, ଫଲଗୁତ୍ସବ, ଦୋଳୋତ୍ସବ, ବସନ୍ତଗୁଣ୍ଡିଚା, ଦୋଳାକେଳି ଆଦିରେ ବସନ୍ତରାସର ସ୍ମରଣ କରାଯାଏ । ଫାଲଗୁନ୍ ମାସର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀଗୋବିନ୍ଦ । ତାଙ୍କ ଲୀଳାକୁ ସ୍ମରଣ କରି ଶ୍ରୀଜଗନ୍ନାଥ ସ୍ୱରୂପୀ ଗୋବିନ୍ଦଙ୍କର ଉତ୍ସବ ଆୟୋଜିତ ହୁଏ । ଯାତ୍ରାଭାଗବତ ଗ୍ରନ୍ଥରେ କଥିତ ଅଛି-

"ଦଶମୀଦିନମାରଭ୍ୟ-ଯାବତ୍ ପଞ୍ଚଦଶୀ ଭବେତ୍
ଫାଲ୍‌ଗୁନସ୍ୟ ସିତେପକ୍ଷେ ଫଲଗୁ ଯାତ୍ରା ହରେର୍ଭବେତ୍ ॥'

ଅର୍ଥାତ୍ ଫାଲ୍‌ଗୁନମାସ ଶୁକ୍ଳପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଫଲଗୁତ୍ସବ ଅନୁଷ୍ଠିତ ହୁଏ । ନୀଳାଦ୍ରିମହୋଦୟ ଗ୍ରନ୍ଥାନୁସାରେ ଏହା ବସନ୍ତ ଗୁଣ୍ଡିଚା ଅଟେ । ଫଲଗୁତ୍ସବ ଉପଲକ୍ଷ୍ୟେ ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ଚୂଚେରୀ ବେଶ ଅନୁଷ୍ଠିତ ହୁଏ ।

ଓଡ଼ିଆରେ ପ୍ରଚଳିତ ଚୂଚେରୀ ଶବ୍ଦ, ସଂସ୍କୃତର ଚର୍ଚ୍ଚରୀ ଶବ୍ଦର ଅପଭ୍ରଂଶ । ଚର୍ଚ୍ଚରୀ (ସଂଜ୍ଞାସ୍ତ୍ରୀ) (ଚର୍ଚ୍ଚ-ଚରନ୍+ଙୀପ୍) ହୋଲି ଉତ୍ସବ, ବସନ୍ତ କାଳରେ ଗାନ କରାଯାଉଥିବା ଗୀତ, କରତାଳ ଧ୍ୱନି, ଆମୋଦ ପ୍ରମୋଦ, ଗୀତବାଦ୍ୟ, ଆନନ୍ଦୋତ୍ସବ ଆଦିକୁ ବୁଝାଏ । ହିନ୍ଦୀରେ ଚଚର, ଚଚରି ଶବ୍ଦ ପ୍ରଚଳିତ ।

ଫଗୁ ଦଶମୀ ତିଥିରେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ତିନିବାଡ଼ରେ ତିନି ଠାକୁରଙ୍କ ମଇଲମ କରାଯାଇ ଚୂଚେରୀ ବେଶର ନାଲି ଲୁଗା ଲାଗି କରାଯାଏ । ଏହାପରେ ସର୍ବାଙ୍ଗ ହୋଇ ଚୂଚେରୀ ବେଶରେ ଶ୍ରୀବିଗ୍ରହମାନଙ୍କୁ ଅଳଙ୍କୃତ କରାଯାଏ । ଉକ୍ତ ବେଶରେ ଚନ୍ଦନଲାଗି, ବୋଇରାଣୀ, ମାଧାବଳୀ ଆଦି ନୂତନ ବସ୍ତ୍ରସହ ବଡ଼ଠାକୁର ଏବଂ ମହାପ୍ରଭୁଙ୍କୁ ଚାରୋଟି କୁଣ୍ଡଳ ଏବଂ ଦେବୀ ସୁଭଦ୍ରାଙ୍କୁ ଦୁଇଟି ତଡ଼ଗିରେ ବିଭୂଷିତ କରାଯାଏ । ତତ୍‌ପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣ ଘରକୁ ବିଜେ କରାଯାଇ ଚୂଚେରୀ ବେଶ ପୂର୍ବକ ଦେବୀଦ୍ୱୟଙ୍କ ସହ ଶ୍ରୀଦୋଳଗୋବିନ୍ଦଙ୍କର ବାହାର ଦେଉଳି ଭୋଗ ଅନୁଷ୍ଠିତ ହୋଇଥାଏ । ଏହାପରେ ଉକ୍ତ ଶ୍ରୀବିଗ୍ରହତ୍ରୟଙ୍କୁ ରତ୍ନସିଂହାସନକୁ ବିଜେ କଲାପରେ ମୁଦିରସ୍ତ ପ୍ରସାଦ ଲାଗି କରନ୍ତି । ଚୂଚେରୀ ବେଶ ଉପଲକ୍ଷ୍ୟେ ଚୂଚେରୀ ଭୋଗ ଅନୁଷ୍ଠିତ ହେବା ପରେ ପାଣିପଡ଼ି ତିନିବାଡ଼ରେ ଘଣ୍ଟଛତା ସର୍ବାଙ୍ଗ ହୁଏ । ଏହାପରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଚନ୍ଦନ, ଫଗୁ, ଝିମିରି ଫଗୁ ଆଦି ଲାଗି କରାଯାଏ ।

ବନ୍ଦାପନା ଏବଂ କର୍ପୂର ଆଳତି ପୂର୍ବକ ମୁଦିରସ୍ତ ଚାମର ଆଲଟ କରି ସିଂହାସନରୁ ଅବତରଣ କରନ୍ତି । ତିନିବାଡ଼ରେ ଫଗୁ ଅଞ୍ଜଳି ପ୍ରଦାନ ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନ ଉପରକୁ ଉଠି ପ୍ରସାଦ ମଇଲମ କରନ୍ତି । ଏହାପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଜ୍ଞାମାଳ ଦେବା ପରେ ମହାଜନ ସେବକମାନେ ହାତରେ ବିଜେ ହୋଇ ଜୟବିଜୟ ଦ୍ୱାରସ୍ଥ ଲଣ୍ଡାବର୍ଡକୁ ଆସିବା ପରେ ମୁଦିରସ୍ତ ସେବକ ଫଗୁ, ଚନ୍ଦନମୁଣି, ପ୍ରସାଦ ଲାଗି କରିବା ସହ କର୍ପୂର ଆଳତି, ବନ୍ଦାପନା ଓ ଆଲଟଚାମରାଦି ସେବା କରିଥାନ୍ତି । ଏହିପରି ଭାବରେ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଚୂଚେରୀ ବେଶ ଓ ଭୋଗ ନୀତି ଅନୁଷ୍ଠିତ ହୋଇଥାଏ । ଚୂଚେରୀ ଭୋଗରେ ସାନ ଆରିସା, ବଡ଼ ଆରିସା, ମରୀଚିଲଡୁ, ଧଉଳା, କ୍ଷୀରି ଆଦି ବିଭିନ୍ନ ପ୍ରକାର ନୈବେଦ୍ୟ ସମର୍ପିତ ହୁଏ ।

ଭକ୍ତବୃନ୍ଦ ମହାପ୍ରଭୁଙ୍କର ଚୂଚେରୀ ବେଶର ଦର୍ଶନରେ କୃତକୃତ୍ୟ ହୁଅନ୍ତି ।


*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ :



ତା. ୧୩.୦୨.୨୧ରିଖ ଶନିବାର ଦିନ ଶ୍ରୀବିଗ୍ରହମାନଙ୍କର ପଦ୍ମବେଶ ହୋଇଥିଲା । ପ୍ରତିଦିନ ପରି ସମସ୍ତ ନୀତିମାନ ହୋଇ ସଂଧ୍ୟାଧୂପ ସରି ବଡ଼ଛତା ମଠ ଯୋଗାଇଥିବା ବେଶ ଉପକରଣମାନଙ୍କ ଦ୍ୱାରା ପଦ୍ମବେଶ ହୋଇଥିଲା । ରାତ୍ର ବଡ଼ସିଂହାର ଭୋଗରେ କ୍ଷୀରି ଛାମୁରେ ବଢ଼ାଯାଇ ଭୋଗ ସମାପନ ହୋଇ ପହୁଡ଼ ହୋଇଥିଲା । ପରଦିନ ମଙ୍ଗଳ ଆଳତି ବଢ଼ିଲା ପରେ ଏହି ବେଶରେ ଦର୍ଶନାର୍ଥୀମାନେ ଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ କିଛି ବର୍ଷ ଧରି ଭକ୍ତ ଶ୍ରୀଯୁକ୍ତ ଚିନ୍ତାମଣି ଦାଶ ମହାପ୍ରଭୁଙ୍କର ପଦ୍ମବେଶରେ ଲାଗି ନିମନ୍ତେ 'ପଦ୍ମଫୁଲ' ଶ୍ରୀମନ୍ଦିରକୁ ପ୍ରଦାନ କରି ଆସୁଅଛନ୍ତି ।



## ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା :

ତା.୧୬.୦୨.୨୧ରିଖ ମଙ୍ଗଳବାର ଦିନ ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ବସନ୍ତ ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ମଇଲମ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରଥଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନଲାଗି ହେବା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ବିଜେ ହୋଇଥିଲେ । ଭିତର ଚାଟେରୀ ବେଶ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ବନ୍ଦାପନା ପରେ ମୁଦିରସ୍ତ ରାଜନୀତି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସିଂହଦ୍ୱାର ଦେଇ ବିମାନ ଜଗନ୍ନାଥବଲ୍ଲଭ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ରୁନ୍ଧା ଖୋଲାଯାଇ ଠାକୁର ଠାକୁରାଣୀ ଜଗତି ଉପରେ ବିଜେ ହେଲା ପରେ ଫଗୁ ଖେଳିଥିଲେ ଏବଂ ଆଲଟ ଚାମର ହୋଇ ବନ୍ଦାପନା ହୋଇଥିଲେ । ପରେ ବେଣ୍ଟ ପୋଖରୀକୁ ବେଣ୍ଟ ବିନ୍ଧିବା ନିମନ୍ତେ ବିଜେ ହେବାରେ ବେଣ୍ଟ ବିନ୍ଧିଥିଲେ । ଏହାପରେ ବିଗ୍ରହମାନେ ବାହୁଡ଼ା ବିଜେ କରିଥିଲେ । ଭିତରେ ସନ୍ଧ୍ୟାଧୂପ ସରିଲା ପରେ ସରସ୍ୱତୀ ମନ୍ଦିର ନିକଟରେ ପାଞ୍ଜି ପୂଜା ହୋଇଥିଲା ଏବଂ ଦେଉଳ କରଣମାନଙ୍କ ଦ୍ୱାରା ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁଯାୟୀ ଏହି ଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଭାଗରେ ରଥକାଠ ଅନୁକୂଳ ପୂଜା ଅନୁଷ୍ଠିତ ହୋଇଥିଲା ।





## ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ :

ତା. ୨୩.୦୨.୨୧ ରିଖ ମଙ୍ଗଳବାର ଦିନ ମାଘ ଶୁକ୍ଳ ଏକାଦଶୀ ନିମନ୍ତେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଙ୍ଗଳ ଆଳତି, ଅବକାଶ, ବେଶବଢ଼ି ଗୋପାଳବଲ୍ଲଭ, ସକାଳଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ପଞ୍ଚାମୃତ ମହାସ୍ନାନ ହୋଇଥିଲା । ପରେ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ପରେ ମାଳଫୁଲ ଲାଗି ସହିତ ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ମଧ୍ୟାହ୍ନ ଧୂପ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ୩ ଜଣ ପାଳିଆ ପୂଜାପଣ୍ଡା ଷୋଡ଼ଶୋପଚାରରେ ମଧ୍ୟାହ୍ନ ଧୂପ ସାରିଥିଲେ । ଭୋଗ ସରି ପାଣି ପଡ଼ିଲା ପରେ ବନ୍ଦାପନା ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ :

ତା. ୨୭.୦୨.୨୧ ରିଖ ଶନିବାର ଦିନ ମାଘ ପୂର୍ଣ୍ଣମୀ ଅବସରରେ ମଧ୍ୟାହ୍ନଧୂପ ବଢ଼ି ପାଣି ପଡ଼ିଲା ପରେ ଶ୍ରୀବିଗ୍ରହମାନେ ମୈଲମ ହୋଇଥିଲେ । ଏହାପରେ ପାଳିଆ ମେକାପ ୩ ଗୋଟି ରୂପା ପିଙ୍ଗଣରେ ଚନ୍ଦନ ଭଣ୍ଡାର ଦ୍ୱାର ଠାରୁ ସିଂହାସନ ନିକଟକୁ ନେଇଥିଲେ । ବଡ଼ବାଡ଼ରେ ତଳୁଛ, ମହାପ୍ରଭୁଙ୍କ ବାଡ଼ରେ ଭିତରଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ସର୍ବାଙ୍ଗ କରିଥିଲେ । ସର୍ବାଙ୍ଗ ବଢ଼ିଲା ପରେ ଭୂଦେବୀ, ଶ୍ରୀଦେବୀ ଦକ୍ଷିଣ ଘର ଠାରେ ପଡ଼ିଥିବା ଖଟଶେଜ ଉପରକୁ ବିଜେ କରିଥିଲେ । ଏହାପରେ ତିନି ବାଡ଼ରେ 'ଗଜ ଉଦ୍ଧାରଣ' ବେଶ ହୋଇ କର୍ପୂର ଲାଗି ହୋଇଥିଲା । କର୍ପୂର ଲାଗି ବଢ଼ିଲାପରେ ଭୂଦେବୀ, ଶ୍ରୀଦେବୀ ବାହୁଡ଼ା ବିଜେ କରି ଶ୍ରୀଅଙ୍ଗରେ ଲାଗିଥିଲେ । ଏହାପରେ ସଂଧ୍ୟାଆଳତି ଓ ସଂଧ୍ୟାଧୂପ ଅନୁଷ୍ଠିତ ହୋଇ ମହାସ୍ନାନ ହୋଇଥିଲା ।



ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଦୋଳ ବସନ୍ତ ଉତ୍ସବର ପ୍ରତୀକ

ଦୋଳମହୋତ୍ସବ ସମଗ୍ର ଭାରତବର୍ଷର ଏକ ମହାନ ତଥା ବ୍ୟାପକ ପର୍ବ । ଏହି ପର୍ବର ଅନ୍ୟତମ ନାମ ବସନ୍ତୋତ୍ସବ । ଏହି ସମ୍ବନ୍ଧରେ ଗୋଟିଏ କଥାବସ୍ତୁ ପ୍ରଚଳିତ ଅଛି । ଯେଉଁଥିରୁ ଜଣାଯାଏ ଯେ ପୁରାକାଳରେ ହୋଲିକା ବୋଲି ଏକ ରାକ୍ଷାସୀ ବିଦ୍ୟମାନ ଥିଲା । ଉତ୍କଳୀୟ କାବ୍ୟପଦ୍ୟାବଳୀରେ ତାହାର ମୁଖ ମେଣ୍ଢାକୃତି ଥିବା 'ଦୋଳପର୍ବ' ବିବରଣୀରୁ ମିଳେ । କାହାର କାହାର ମତରେ ହୋଲିକା ହିରଣ୍ୟକଶିପୁର ଭଉଣୀ ଓ ଅତ୍ୟନ୍ତ ପରାକ୍ରମୀ ଥିଲା । ଋତୁରାଜ ବସନ୍ତର ଆଗମନରେ ଯେତେବେଳେ ଦେବତାମାନେ ଆନନ୍ଦ ଉତ୍ସବ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ହୋଲିକା ଯାହାକୁ ଉତ୍କଳରେ 'ମେଣ୍ଢା' ବୋଲି କହନ୍ତି ସେ ଦେବତାମାନଙ୍କର ଉକ୍ତ ଉତ୍ସବକୁ ପଣ୍ଡ କରିବା ନିମନ୍ତେ ଆୟୋଜନ କରେ ଓ ନାନା ଉପାୟରେ ବସନ୍ତ ଉତ୍ସବର ଆନନ୍ଦକୁ ପ୍ରତିହତ କରିଥାଏ । ହୋଲିକାର ଉପଦ୍ରବରେ ଦେବତାମାନଙ୍କର ବସନ୍ତୋତ୍ସବ ପ୍ରତିପାଳିତ ହୋଇପାରିଲା ନାହିଁ ।



ଦେବତାମାନେ ମର୍ତ୍ତ୍ୟମଣ୍ଡଳରେ ଉକ୍ତ ବସନ୍ତଉତ୍ସବ ପ୍ରତିପାଳନ ନିମନ୍ତେ ଗୋପାଙ୍ଗନା ଶିରୋମଣୀଙ୍କସହ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ମିଳନାତ୍ମକ ଉପସ୍ଥିତି କାମନା କରି ଶ୍ରୀରାଧା କୃଷ୍ଣଙ୍କର ମିଳନକୁ କେନ୍ଦ୍ରକରି ବ୍ରଜ ଓ ଅନ୍ୟାନ୍ୟ ଦିବ୍ୟଧାମମାନଙ୍କରେ ଉତ୍ସବ ପ୍ରତିପାଳନର ବ୍ୟବସ୍ଥା କରାଇବା ବେଳେ ହୋଲିକା ଆବିର୍ଭାବ ହୋଇ ଉତ୍ସବକୁ ପ୍ରତିହତ କରିବାକୁ ଲାଗିଲା ଏବଂ ମାୟା ଦ୍ୱାରା ନାନା ପ୍ରକାର ରୋଗ, ବିସ୍ଫୋଟକ, ଯନ୍ତ୍ରଣା ଦ୍ୱାରା ମାନବ ଋଷି, ମୁନି ତଥା ଦେବବୃନ୍ଦଙ୍କୁ ନିରାନନ୍ଦ ଆଣିଦେଲା; ଫଳରେ ଦେବତାମାନେ ମର୍ତ୍ତ୍ୟଲୋକରେ ଆନନ୍ଦ ଅନୁଭବ କରିପାରିଲେ ନାହିଁ । ଏହା ବ୍ରଜେନ୍ଦ୍ରନନ୍ଦନ କୃଷ୍ଣଚନ୍ଦ୍ର ଜାଣିପାରି ଦେବତା ତଥା ଭକ୍ତଜନମାନଙ୍କର ବସନ୍ତୋତ୍ସବକୁ ସମ୍ପନ୍ନ କରିବାକୁ ଅଭୟ ପ୍ରଦାନ କଲେ । ପଞ୍ଚପାଣ୍ଡବ ତଥା ଅନ୍ୟ ଦେବ ଋଷିମାନଙ୍କୁ ନେଇ ଭଗବାନ ଗୋବିନ୍ଦ ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀଦିନ ଚର୍ଚ୍ଚରିକା ଯାତ୍ରା କଲେ । ଚର୍ଚ୍ଚରିକା ମହୋତ୍ସବର ଅର୍ଥ ହୋଲିକା ମାୟା ଦ୍ୱାରା ସୃଷ୍ଟି କରୁଥିବା ରୋଗମୟ କେଶକୁ ପ୍ରତିହତ କରିବା ନିମନ୍ତେ ନାନା ଭେଷଜ ଦ୍ୱାରା 'ଫଲ୍‌ଗୁ' ବା ଅବିର ନାମକ ଏକ ରୋଗନାଶକ ଦ୍ରବ୍ୟ ସୃଷ୍ଟି କରି ତାହାକୁ ଉଡ଼ାଇ ସେ ରୋଗମୟ ବାତାବରଣକୁ ପ୍ରଶମିତ କରି ହୋଲିକା ରହିବାର ସ୍ଥାନ ପର୍ଯ୍ୟନ୍ତ ବିଜେ କରିବା ଶିବ ଓ ବିଷ୍ଣୁ ଉଭୟେ ହୋଲିକାର ମାୟା ଓ ତାହାକୁ ବଧ କରି ଜଗତକୁ ନିର୍ମଳ ବସନ୍ତୋତ୍ସବର ଆନନ୍ଦ ଦେବା ନିମନ୍ତେ ନିଜ ନିଜ ଶରୀରରୁ ମହାତେଜ ହୁତାଶନ ସୃଷ୍ଟି କରି ମେଣ୍ଢ ବା ହୋଲିକାକୁ ଦହନ କରିଥିଲେ । ଏହି ଉତ୍ସବ ଫାଲ୍‌ଗନ ଶୁକ୍ଳ ଚତୁର୍ଦ୍ଦଶୀ ରାତ୍ରିରେ ଅନୁଷ୍ଠିତ ହେଲା । ଉତ୍ତର ଭାରତରେ ଏହି ଦୋଳଯାତ୍ରାର ବିଶିଷ୍ଟ ଅଂଗ ହୋଲିକା ଦହନ । ମାତ୍ର ଦେବଦୋଳ ବିଶେଷ ଭାବେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଶାରେ ସବୁଠାରୁ ବଳି ପ୍ରସିଦ୍ଧ ଓ ଅଗିଘରା ପୋଡ଼ି ହିଁ ମେଣ୍ଢ ଗୃହ ଦାହନର ଦୃଶ୍ୟ ବା କୃତ୍ୟ ଅଟେ । ଏହି ଦିନ ଶିବପଞ୍ଚପାଣ୍ଡବ ଓ ଗୋବିନ୍ଦ ସ୍ୱୟଂ ଉପସ୍ଥିତ ରହନ୍ତି । ପୁରୋହିତ ଦର୍ପଣର ୨ୟ ଖଣ୍ଡ ୧୬୭ ପୃଷ୍ଠାରେ ମେଣ୍ଢପୋଡ଼ିର ମନ୍ତ୍ରତତ୍ତ୍ୱରେ ପ୍ରକାଶ କରିଅଛନ୍ତି ।

ଓଁ ବିଷ୍ଣୁ ରୁଦ୍ର ସମୁଦ୍‌ଭୂତ ମହାଶନ ହୁତାଶନ
ମେଣ୍ଢ ମନ୍ଦିର ଦାହେଂତ୍ରୁ ସମୁଦ୍ ଭୂତଶିଖୋ ଭବ ॥
ପ୍ରଦକ୍ଷିଣେନ ଧାବନ୍ତଂ କୌତୁକାତ୍‌ସହ ବିଷ୍ଣୁନା
ପ୍ରଦକ୍ଷିଣଂ ଦକ୍ଷିଣାଗ୍ରେ କୁରୁ କୃଷ୍ଣ ବିଶେଷତଃ ॥

ଏହାପରେ ପୂର୍ଣ୍ଣିମା ଦିନ ଶ୍ରୀଦୋଳଗୋବିନ୍ଦ କୃଷ୍ଣଚନ୍ଦ୍ରଙ୍କୁ ଆଣି ଦକ୍ଷିଣାଭିମୁଖ ଦୋଳରେ ବିଜେ କରାଇବା ଓ ପ୍ରାର୍ଥନା କରିବ ।

ଜୟ କୃଷ୍ଣ ଜଗନ୍ନାଥ ଜୟ ଅନନ୍ଦ ବିଗ୍ରହ
ଗଦା ପଦ୍ମଧର ଶାନ୍ତ ନାନାଳଙ୍କାର ଭୂଷିତ ॥
ନିମ୍ନକରଦ୍ୱର୍ୟୋ।ଯୁକ୍ତୋ ଶଙ୍ଖଚକ୍ର ଯଥୋଚିତ
ବନ୍ଦେ ତ୍ୱାଂ ଦୋଳଗୋବିନ୍ଦ ଋତୁରାଜ ପ୍ରିୟ ପ୍ରଭୋ

ଏହିପରି ବନ୍ଦନା ପୂର୍ବକ ଭଗବାନ ଦୋଳଗୋବିନ୍ଦ ଶ୍ରୀ ଓ ଭୂଦେବୀଙ୍କୁ ଚ୍ୟୁତଫଳ ସମର୍ପଣ କରିବାର ବିଧି ଦୋଳର ଏକ ପ୍ରଧାନ ଅଙ୍ଗ । ଏହା ସମର୍ପଣ କରିବାବେଳେ ଋତୁରାଜର ପ୍ରଧାନ ଫଳ ସମର୍ପଣ କରିବା ଚିନ୍ତନୀୟ ।

ବସନ୍ତଋତୁ ସଂଜାତମିଷ୍ଟଗନ୍ଧସୁଖାବହ
ଗୃହାଣ ଗୋପୀ ଗୋବିନ୍ଦ ରସାଳଫଳମୁତ୍ତମ୍

ଏହାପରେ ଅଷ୍ଟଗନ୍ଧଯୁକ୍ତ ଫଲ୍‌ଗୁ ସମର୍ପଣ କରିବାବେଳେ ନିମ୍ନଲିଖିତ ମନ୍ତ୍ର ପାଠ କରିବା ବା ସ୍ମରଣ କରିବ ।

ତ୍ୱଂ ଫଲ୍‌ଗୁ ସର୍ବଦେବାନାଂ ଶିରୋଧାର୍ଯ୍ୟୋଽସି ସର୍ବଦା
ହରପ୍ରୀତିତ୍ୱୟା କାର୍ଯ୍ୟା ନମସ୍ତେରୁଣତେଜସେ ॥
ଦାମୋଦର ହୃଷୀକେଶ ଲକ୍ଷ୍ମୀକାନ୍ତ ଜଗତ୍‌ପତେ
ଗୋବିନ୍ଦଂ ଦୋଳୟାମିତ୍ୱାଂ ସୁପ୍ରୀତୋ ଭବକେଶବ ॥
ନାରାୟଣ ପରଂବ୍ରହ୍ମ ବୈକୁଣ୍ଠ ପୁରୁଷୋତ୍ତମ୍
ଲୀଳୟା ଖେଳୟା ନାଥ ଗୋପିଭିଃ ପରିବାରିତ ॥
ଗୋପୀଭିର୍ବେଷ୍ଟିତୋ ନାଥ ଖେଳୟତ ପରମେଶ୍ୱର
ଲୋକଯାତ୍ରା ହିତାର୍ଥାୟା ଫଲ୍‌ଗୁଦାନଂ କରେମ୍ୟହମ୍ ॥
ଫଲ୍‌ଗୁଗୃହାଣା ଦେବେଶ କ୍ରୀଡ଼ା କୌତୁକ ମଙ୍ଗଳୈଃ
ଶୋଭାର୍ଥଂତେ ଶରୀରସ୍ୟ ସ୍ୱେଚ୍ଛାୟା ଋତୁଦୋଳୟେ
ପୁରା ଦେବାସୁରେ ଯୁଦ୍ଧେ ବ୍ରହ୍ମଣାନିର୍ମିତଂ ସ୍ୱଂୟମ୍
ଅସୁରାଣା ବିନାଶାୟ ଗୃହ୍ନଫଲ୍‌ଗୁସୁରୋତ୍ତମ ॥

ଫଗୁର ଗୁରୁତ୍ୱ ପୂର୍ବବର୍ଷର ଦୋଳସଂଖ୍ୟାରେ ପ୍ରକାଶ ପାଇଅଛି । ଭଗବାନ ଗୋବିନ୍ଦଙ୍କୁ ଦୋଳଯାତ୍ରା ବା ହିନ୍ଦୋଳାରେ ଯେଉଁମାନେ ଦର୍ଶନ କରନ୍ତି ଓ ଫଲ୍‌ଗୁ ଓ ଚ୍ୟୁତ କଳିକା ସମର୍ପଣ କରନ୍ତି ସେମାନେ ବିସ୍ଫୋଟକାଦି ବସନ୍ତଋତୁ ଜାତ ରୋଗରୁ ନିବୃତ୍ତ ହୋଇଥାଆନ୍ତି ।

*(ଉକ୍ତ ଆଲେଖ୍ୟ ୧୯୭୦ ମସିହା ମାର୍ଚ୍ଚ ୧୮ ତାରିଖରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)*

ପୂର୍ବ ପ୍ରକାଶିତ ପରେ ....

# ସ୍ୱତ୍ତ୍ୱଲିପିରେ ଶ୍ରୀମନ୍ଦିର ନୀତି



## (୪୮)- ରାମ ନବମୀ

### (କ) ରାମ ଜନ୍ମ ଜେଉଡ଼ ଭୋଗ

ରାମ ନବମୀ ପୂର୍ବ ଦିନ ରାତ୍ର ସନ୍ଧ୍ୟା ଧୂପ ସରିବା ପରେ ଭିତରେ ପାଣି ପଡ଼ି ଧୋ ପଖାଳ ହୋଇବା ଉତ୍ତାରେ ସୁଆରବଡୁ ଥାଳି ପକାଇ ପଡ଼ିଆରି ଟେରା ବାନ୍ଧି ରୋଷକୁ ଜେଉଡ଼ ଭୋଗ ଡାକି ଯିବେ । ଏ ଭୋଗ ଛାମୁକୁ ଆସିବା ଉତ୍ତାରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ । ପଣ୍ଡା ଆସି ପଞ୍ଚୋପଚାରରେ ପୂଜା କରି ଭୋଗ ମଣୋହି କରାଇବେ । ଏହା ପରେ ପଣ୍ଡା, ପତି, ମୁଦିରସ୍ତେ ୩ ବାଡ଼ରେ ବନ୍ଦାପନା କରିବେ ।

ଗର୍ଭଉଦକ ନିମନ୍ତେ ମହାପ୍ରଭୁଙ୍କ ବାଡ଼ରେ ଅଧିକା ବନ୍ଦାପନା ହୋଇଲା ପରେ ମନ୍ଦିରର ଅନ୍ୟାନ୍ୟ ଦୈନିକ ନୀତିମାନ ହୋଇବ ।

### (ଖ) ଶ୍ରୀରାମ ନବମୀ ରାମଜନ୍ମ

ଏହି ନୀତି ଚୈତ୍ର ଶୁକ୍ଳ ନବମୀ ଦିନ ଅନୁଷ୍ଠିତ ହୁଏ ।

ଏହି ଦିନ ମଧ୍ୟାହ୍ନ ଧୂପ ଉଠିଲେ ଜୟ ବିଜୟ ଦ୍ୱାର ବନ୍ଦ ହୋଇବ । ସୁଦୁ ସୁଆର ଭଣ୍ଡାର ଆଗରେ ପୋଛ ମାରିବା ପରେ ପଣ୍ଡା ଆସି ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ମଣ୍ଡଳ କାଟିବେ । ମଧ୍ୟାହ୍ନ ଧୂପ ସରିବା ଉତ୍ତାରେ ଦକ୍ଷିଣ ଘର ଭୋଗ ସରିବା ପରେ ରାମ ଦେବଙ୍କୁ ମହାଜନେ ଭିତର ସିଂହାସନକୁ ବିଜେ କରାଇବେ । ଏଠାରେ ମୁଦିରସ୍ତେ ଧଣ୍ଡି ପ୍ରସାଦ ଲାଗି କରିବା ଉତ୍ତାରେ ପ୍ରସାଦ ଉଲାଗି ହୋଇ ରାମ ଦେବଙ୍କୁ ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ବିଜେ କରାଇ ଆଣି ମଣ୍ଡଳ ଉପରେ ବିଜେ କରାଇବେ । ଏଠାରେ ମହାଜନଙ୍କ ଭିତରୁ ୨ ଜଣ ଦଶରଥ, କୌଶଲ୍ୟା ହୋଇଥିବେ । ଖଣ୍ଡୁଆ ଘୋଡାଇ ଜନ୍ମ ବିଧି ହୋଇବ । କର୍ପୂର ଆଳତି ବନ୍ଦାପନା ହୋଇବା ପରେ ମହାସୁଆର ଗଣ୍ଡୁସ ମସଲା, କ୍ଷୀର ମଣୋହି କରାଇବେ । ଏ ଉତ୍ତାରୁ ପଣ୍ଡା ଜନ୍ମ ବିଧିମାନ କରାଇ ପଇତା ଲାଗି ବଢ଼ିବା ପରେ ଶୀତଳ ଭୋଗ ମଣୋହି କରାଇବେ । ମହାସୁଆର ଜୟ ବିଜୟ ଦ୍ୱାରଠାରେ ଚରୁ ଭାତ ମଣୋହି କରାଇବେ ।

ଏ ଉତ୍ତାରେ ବାହୁଡ଼ା ବିଜେ ହୋଇ ଦକ୍ଷିଣ ଘରକୁ ବିଜେ କରିବେ ।

### ଶ୍ରୀରାମ ନବମୀ ଲୀଳା

### (୪୮)- (ଗ) ଦଶମୀ - ଯଜ୍ଞରକ୍ଷା

ଏହି ନୀତି ଚୈତ୍ର ଶୁକ୍ଳ ଦଶମୀ ଦିନ ଅନୁଷ୍ଠିତ ହୁଏ ।

ଏହି ଦିନ ସନ୍ଧ୍ୟା ଧୂପ ବଢ଼ିବା ଉତ୍ତାରେ ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନେ ରାମ ଲକ୍ଷ୍ମଣଙ୍କୁ ହାତରେ ବିଜେ କରାଇ ନେଇ ସିଂହାସନ ଉପରେ ବିଜେ କରାଇବେ । ପଣ୍ଡା ଆସି ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ବିଜେ କରାଇ ଆଣି ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଇଲେ ବିମାନବଡୁମାନେ ପାଲିଙ୍କି, ଘଣ୍ଟ, ଛତା, କାହାଳୀସହ ଜଗନ୍ନାଥ ବଲ୍ଲଭ ମଠକୁ ନେବେ ।

ଏହି ଦିନ ହରଚଣ୍ଡି ସାହି ଲୋକେ ଯାନି ଯାତ୍ରା ବାହାର କଲା ଉତ୍ତାରେ ଦିଅଁ ବାହୁଡ଼ା ବିଜେ ହୋଇ ଆସି ଦକ୍ଷିଣି ଘରେ ବିଜେ କରନ୍ତି ।

### ଶ୍ରୀରାମ ନବମୀ ଲୀଳା

### (୪୮) (ଘ) ଏକାଦଶୀ- ସୀତା ବିବାହ

ଏହି ନୀତି ଚୈତ୍ର ଶୁକ୍ଳ ଏକାଦଶୀ ଦିନ ହେବାର ପ୍ରଥା ଅଛି ।

ଏଦିନ ସନ୍ଧ୍ୟା ଆରତିରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିବେ । ସନ୍ଧ୍ୟା ଧୂପ ସରିବା ପରେ ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନେ ରାମ ଲକ୍ଷ୍ମଣ ସୀତାଙ୍କୁ ଭିତର ସିଂହାସନକୁ ବିଜେ କରାଇବେ । ପଣ୍ଡା ଆସି ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ବିଜେ କରାଇ ଆଣି ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଇବେ । ବିମାନବଡୁ ଆସି ଘଣ୍ଟ, ଛତା, କାହାଳୀସହ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇ ନେଇ ଖଟ ଉପରେ ବିଜେ କରାଇବେ । ଏଠାରେ ହରଚଣ୍ଡି ସାହି ଲୋକେ ଯାନି ଯାତ୍ରା (ପରଶୁରାମ) ବାହାର କରିବା ଉତ୍ତାରେ ଦିଅଁ ବାହୁଡ଼ା ବିଜେ ହୋଇ ଦକ୍ଷିଣି ଘରେ ବିଜେ ହେବେ ।

### (୪୮) (ଙ) ଓ (୪୯) ଦ୍ୱାଦଶୀ - ଶ୍ରୀରାମ ନବମୀ ଲୀଳା

### ବନବାସ, କନ୍ଦର୍ପ ଓ ଅଧିବାଶ

ଏହି ନୀତି ଚୈତ୍ର ଶୁକ୍ଳ ଦ୍ୱାଦଶୀ ଦିନ ହେବାର ନିୟମ ।

ଏଦିନ ସନ୍ଧ୍ୟା ଧୂପ ବେଶରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିବେ । ଧୂପବଢ଼ି ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନେ ରାମକୃଷ୍ଣ ଓ ସୀତା ଦେବୀଙ୍କୁ ଛାମୁ ଦିହୁଡ଼ି ଥାଇ ସିଂହାସନକୁ ବିଜେ କରାଇବା ପରେ ପଣ୍ଡା ଆଜ୍ଞାମାଳ ଦେଲେ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଇବେ । ବିମାନବଡୁମାନେ ଘଣ୍ଟ, ଛତା, କାହାଳୀସହ ପାଲିଙ୍କି ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇବେ । ଏଠାରେ ମାର୍କଣ୍ଡେଶ୍ୱର ସାହି ଲୋକେ ବନବାସ ପ୍ରସ୍ତାବ କରିବେ (ଅର୍ଥାତ୍ ବନବାସ ଲୀଳା କରିବେ) । ଶୀତଳ ଭୋଗ ମଣୋହି ପରେ ବାହୁଡ଼ା ବିଜେ କରିବେ । ଏ ଉତ୍ତାରେ ଭିତରେ ବଡ଼ ସିଂହାର ଓ ଅନ୍ୟାନ୍ୟ ନୀତି ହୋଇବ ।

ଭିତରେ ଚନ୍ଦନ ଲାଗି ବଢ଼ିବା ଉତ୍ତାରେ ଦକ୍ଷିଣ ଘରେ କନ୍ଦର୍ପ ପଟି ଅର୍ଥାତ୍ (ଚିତ୍ରକର ଗୋଟିଏ କନ୍ଦର୍ପ ପଟି ଦେଇଥିବ) ଅଧିବାସ ହୋଇବେ । ପଣ୍ଡା ଏହାଙ୍କୁ ମହାସ୍ନାନ କରାନ୍ତି । ଏହାପରେ ଭୋଗ ଓ ବନ୍ଦାପନା ହୁଅନ୍ତି ।

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗରେ 'କଳା'ର ଗୁରୁତ୍ୱ କ'ଣ ?

ଉ - ଚନ୍ଦ୍ରଙ୍କର ଷୋଳକଳା, ସୂର୍ଯ୍ୟଙ୍କର ବାରକଳା, ଅଗ୍ନି ମଣ୍ଡଳର ଦଶକଳା, ବାସାୟନଙ୍କର ଚଉଷଠି କଳା । ସନ୍ଥ ସାହିତ୍ୟରେ କେବଳ ଈଶ୍ୱର ବା ଅବତାରମାନଙ୍କୁ କଳାର ଅନ୍ତର୍ଭୁକ୍ତ କରାଯାଇଛି । ଉତ୍କଳୀୟ ବୈଷ୍ଣବମାନଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ଷୋଳକଳାର ପ୍ରତୀକ ।

୨. ପ୍ର - ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା-ପୂଜାରେ 'କଳା-ଖଡି'ର ବ୍ୟବହାର କ'ଣ ?

ଉ - ଏହା ଏକ ପ୍ରକାର କଳାରଙ୍ଗର ଖଡି, ଯାହାକି ଠାକୁରଙ୍କୁ ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣମୀ ଦିନ ଲାଗି ହୁଏ ।

୩. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'କଳା ବେଠିଆ'ଙ୍କ ଭୂମିକା କ'ଣ ?

ଉ - ଶ୍ରୀଜଗନ୍ନାଥଙ୍କ ରଥ ଟାଣିବା ନିମନ୍ତେ ପୁରୀରେ ବହୁ କାଳରୁ ରହି ଆସୁଥିବା ଏକ ସେବକ । ଏମାନେ କୃଷ୍ଣବର୍ଣ୍ଣ ଓ ଅନାବୃତ ଦେହରେ ରଥ ଟାଣିବା ବେଳେ ଏମାନଙ୍କର କଳାପିଠି ଦେଖାଯାଉଥିବାରୁ କେହି କେହି ଏମାନଙ୍କୁ କଳାପିଠିଆ ବା କଳାବେଠିଆ ବୋଲି କହିଥାନ୍ତି । ରଥଯାତ୍ରା ସମୟରେ ରଥଟଣାରେ ଲୋକ ଅଭାବ ହେଲେ ଏମାନେ ଆସି କାମ କରିଥାନ୍ତି ଓ ବେଠି ଖଟିଥାନ୍ତି ।

୪. ପ୍ର - ଶ୍ରୀମନ୍ଦିରରେ 'କଳିଯୁଗ ଭେଣ୍ଡା' କହିଲେ କାହାକୁ ବୁଝାଏ ?

ଉ - ଶ୍ରୀମନ୍ଦିରର ଦକ୍ଷିଣ ପଟରେ ଥିବା ପାର୍ଶ୍ୱଦେବତା ବରାହ ମୂର୍ତ୍ତି । ଏହାଙ୍କ ବାମ କହୁଣୀ ଉପରେ ଭୂଦେବୀ ଓ ଦକ୍ଷିଣପାଦ ନିକଟରେ ଶ୍ରୀଦେବୀ ରହିଛନ୍ତି । ଜନସାଧାରଣଙ୍କ ବୁଝିବା ନିମନ୍ତେ ସେ ସ୍ତ୍ରୀଙ୍କୁ କାନ୍ଧରେ ବସାଇ ମା'ଙ୍କୁ ଚଲାଇ ଚଲାଇ ନେଉଛନ୍ତି । କଳିଯୁଗରେ ମଣିଷର ଅଧୋଗତିର ଏକ ପ୍ରତୀକ ରୂପରେ ଆବିର୍ଭୂତ ହୋଇଛନ୍ତି ।

୫. ପ୍ର - ଶ୍ରୀମନ୍ଦିରରେ 'କଳୁଷ ନାଶନ'ର ଅର୍ଥ କ'ଣ ?

ଉ - ପାପ ନାଶକାରୀ, ପରମେଶ୍ୱର । ଶ୍ରୀଜଗନ୍ନାଥ ମହାପ୍ରଭୁ କଳୁଷ ନାଶନ ନାମରେ ପରିଚିତ ।

୬. ପ୍ର - ଶ୍ରୀମନ୍ଦିରରେ 'କଂସାଳ'ର ବ୍ୟବହାର କ'ଣ ?

ଉ - ଏହା କଂସାରେ ତିଆରି ହୋଇଥିବା ଏକ ଝାଞ୍ଜ । ସଂକୀର୍ତ୍ତନରେ କଂସାଳ ଏକାନ୍ତ ଆବଶ୍ୟକ ହୁଏ । ଶ୍ରୀମନ୍ଦିର ପରିସରରେ ଏହା ବିଶେଷତଃ ବ୍ୟବହୃତ ହୋଇଥାଏ ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

# ୧୯୨୯ ମସିହା ପୁରୀ ରଥଯାତ୍ରା

(ଭାଗ-୬୪-ସଂଖ୍ୟା ୨୮ - ତା ୧୩ ରିଖ, ଜୁଲାଇ)


ଏଥର ପୁରୀରେ ରଥଯାତ୍ରା ନିର୍ବିଘ୍ନରେ ସମ୍ପାଦିତ ହୋଇଯାଇଅଛି । ଗତବର୍ଷ ଠାରୁ ଏ ବର୍ଷ ଯାତ୍ରୀ ସଂଖ୍ୟା ଅନେକ କମ୍, ପ୍ରାୟ ୩୦୦୦୦ ଯାତ୍ରୀ ଆସିଥିବାର ଅନୁମାନ ହୁଏ । ପୁରୀ ସେବାଶ୍ରମ ଓ ଭାରତ ସେବାଶ୍ରମ ଯାତ୍ରୀମାନଙ୍କର ସୁବିଧା ପାଇଁ ତତ୍‌ପରୋନାସ୍ତି ଯତ୍ନ କରିଥିଲେ । ଏଇ ଦୁଇ ସେବାଶ୍ରମର ପ୍ରତିଷ୍ଠାତା ଆଚାର୍ଯ୍ୟ ହରିହର ଓ ସ୍ୱାମୀ ପ୍ରଣବାନନ୍ଦ ଯାତ୍ରୀମାନଙ୍କ ସୁବିଧା ପାଇଁ ଯେପରି ଉଦ୍ୟୋଗ କରିଥିଲେ ତାହା ଅତ୍ୟନ୍ତ ଧନ୍ୟବାଦାର୍ହ ।

# ୧୯୩୦ ମସିହା ପୁରୀ ରଥଯାତ୍ରା

(ଭାଗ-୬୫-ସଂଖ୍ୟା ୨୬ - ତା ୩୦ ରିଖ, ଜୁନ)



ପୁରୀର ରଥଯାତ୍ରା ଗତ ଶନିବାର ଦିନ ସୁସମ୍ପନ୍ନ ହୋଇ ଯାଇଅଛି । ଅନ୍ୟ ଜିଲ୍ଲାରୁ ପୁଲିସ ନ ମିଳିବାରୁ ଅନୁଗୋଳରୁ ଅଣା ହୋଇଥିଲା । ରେଲ କୋମ୍ପାନୀ ଏଥର ଯାତ୍ରୀଙ୍କ ବିଶେଷ ସୁବିଧା କରିଥିଲେ ମଧ୍ୟ କଟକର ଜଣେ ଅଧେ ଓ ପୁରୀର ଜଣେ ଦୁଇ ଜଣ ଟିକଟ କିଲଟର ବଡ଼ ଅଭଦ୍ର ବ୍ୟବହାର କରିଥିଲେ । ଯାତ୍ରୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା । ବିଦେଶୀ ଯାତ୍ରୀ ପ୍ରାୟ ୨୫ ହଜାର ଭିତରେ ହେବେ । ସବୁ ସୁଦ୍ଧା ଲୋକ ୬୦ ହଜାର ପର୍ଯ୍ୟନ୍ତ ଜମା ହୋଇଥିଲେ । ପ୍ରଥମ ପ୍ରଥମ ଟିକିଏ ଖରା ହୋଇ ପଛକୁ ଯେପରି ଭୀଷଣ ଭାବରେ ବର୍ଷା ହେଲା ଏବଂ ଶତ ଶତ ସ୍ତ୍ରୀ ପୁରୁଷ ନ ଜାଣି ପାରି ଠେଲା ଠେଲିରେ ନର୍ଦ୍ଦମା ଭିତରେ ସିଙ୍ଗ ବୁଡ଼ା ପାଇଥିଲେ । ବର୍ଷା ବରାବର ଲାଗି ରହିଲା । ରଥଟଣା ବିଳମ୍ବରେ ଆରମ୍ଭ ହେଲେ ମଧ୍ୟ ଠିକ୍ ୬ଟା ବେଳେ ଗୁଣ୍ଡିଚା ଘରେ ପହଞ୍ଚି ପାରିଥିଲା । ଆଡାନୀ ସାହେବ ପୁରୀରେ ନୂଆ ଲୋକ ହେବାରୁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ପ୍ରାୟ ପୁଲିସ ସାହେବଙ୍କ ପରାମର୍ଶରେ କାମ କରିଥିଲେ । ପୁଲିସମାନେ ମଧ୍ୟ ଲୋକଙ୍କ ସହିତ ଭଦ୍ର ବ୍ୟବହାର କରିଥିଲେ । ବର୍ଷା ଯୋଗୁ ଦୋକାନୀଙ୍କର କିଣାବିକାର କିଛି ସୁବିଧା ହୋଇ ନାହିଁ । ସୁଖର କଥା ଏ ବର୍ଷ ପୁରୀରେ ହଇଜା ରୋଗ ସେହିପରି ନାହିଁ ଖୁବ୍ ଅଳ୍ପ ସାଧାରଣ ଧରଣର ଦୁଇ ଘରିଟାର ସମ୍ବାଦ ଆମ୍ଭେମାନେ ପାଇଲୁ । ରଥଟଣାରେ କିଛି ଦୁର୍ଘଟଣା ଘଟି ନାହିଁ ।




ତା. ୧୨.୨.୨୧ରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୨ଗୋଟି ଟ୍ରକରେ ୪୯ଟି ଅସନ ଓ ଧଉରା କାଠ ବଡ଼ଦାଣ୍ଡସ୍ଥିତ ରଥଖଳା ଠାରେ ପହଞ୍ଚିଛି ।

ଐତିହ୍ୟ ପୃଷ୍ଠାରୁ ...

# ଅବତୀର୍ଣ୍ଣୋ ଜଗନ୍ନାଥଃ ଶାସ୍ତ୍ରରୂପେଣ ବୈ ପ୍ରଭୁଃ

ଶ୍ରୀଜଗନ୍ନାଥଙ୍କ ଅବତାର ହେଉଛନ୍ତି ସନାତନ ଧାରାର ଶାସ୍ତ୍ର ସମୂହ । ଏହି ମହାନ୍ ସିଦ୍ଧାନ୍ତ ଘୋଷଣା କରିଥିଲେ ମହର୍ଷି ଶାଣ୍ଡିଲ୍ୟ । ମହର୍ଷିଙ୍କର ୩ଟି ଗ୍ରନ୍ଥ ଆମକୁ ପ୍ରାପ୍ତ ହୁଏ । ଶାଣ୍ଡିଲ୍ୟ ସଂହିତା, ଶାଣ୍ଡିଲ୍ୟ ସ୍ମୃତିଃ ଓ ଶାଣ୍ଡିଲ୍ୟ ଭକ୍ତିସୂତ୍ର । ଶାସ୍ତ୍ରରେ ଦୃଢ଼ ନିଷ୍ଠା ରଖିଥିବା ମହର୍ଷି ଆପଣେ ପରିଚିତ ଥିଲେ "ପରମ ଭାଗବତ' ରୂପେ । ଶାଣ୍ଡିଲ୍ୟ ସ୍ମୃତିଃରେ (୪/୧୯୩) ସେ ଘୋଷଣା କରିଥିଲେ ଶ୍ରୀଜଗନ୍ନାଥ ଚେତନାର ଏହି ମହାବାକ୍ୟ । ସମସ୍ତ ଶାସ୍ତ୍ର ତାଙ୍କ ଠାରୁ ସୃଷ୍ଟି ପୁଣି ତାଙ୍କ ଠାରେ ବିଲୟ, ତେଣୁ ସେ ଶାସ୍ତ୍ର ସମୂହଙ୍କୁ ମହାପ୍ରଭୁଙ୍କର ଅବତାର ବୋଲି ଶିଷ୍ୟମାନଙ୍କୁ କହିଥିଲେ ।



ମହର୍ଷି ଶାଣ୍ଡିଲ୍ୟ ଜନ୍ମ ନେଇଥିଲେ କାଶ୍ୟପ ବଂଶରେ । କାଶ୍ୟପ ବଂଶର ଦେବଳ ମହର୍ଷି ଥିଲେ ମହାନ୍ ଯୋଗୀ । ଗୀତାରେ ମଧ୍ୟ ଦେବଳ ମହର୍ଷିଙ୍କ ନାମ ସ୍ମରଣ କରାଯାଇଛି (୧୦/୧୩) । ମହର୍ଷି ଦେବଳଙ୍କ ପୁତ୍ର ମହର୍ଷି ଶାଣ୍ଡିଲ୍ୟ । ତାଙ୍କର ଅନ୍ୟତମ ଗ୍ରନ୍ଥ ଶାଣ୍ଡିଲ୍ୟ ସଂହିତାରେ ସେ ମହାପୁରୁଙ୍କ ସମ୍ବନ୍ଧରେ ଢେର ଲେଖିଛନ୍ତି । ମହାପୁରୁଙ୍କୁ ସେ 'ଶ୍ରୀପତି' ସମ୍ବୋଧନ କରିଛନ୍ତି । ଶ୍ରୀପତିଙ୍କ ଆଳୟକୁ ଶ୍ରୀମନ୍ଦିର ବୋଲି ଘୋଷଣା କରିଥିଲେ । ମହାପୁରୁଙ୍କ ଆସ୍ଥାନକୁ ସେ 'ରତ୍ନସିଂହାସନ' ଘୋଷଣା କରିବାରେ ପ୍ରଥମ ମହର୍ଷି । ଶ୍ରୀମନ୍ଦିର ଓ ରତ୍ନସିଂହାସନ ଶବ୍ଦ ସେ ହିଁ ପ୍ରଥମେ ପ୍ରୟୋଗ କରିଥିଲେ । ସେବେଠୁ ଶ୍ରୀଜଗନ୍ନାଥ ଚେତନାରେ ଏହି ଶବ୍ଦ ପ୍ରୟୋଗ ହେଉଅଛି । ମହର୍ଷି ନାରଦ କହିଥିଲେ 'ପରମ ପ୍ରେମ ରୂପା' ହିଁ ଭକ୍ତି । ଶାଣ୍ଡିଲ୍ୟ ମହର୍ଷି କହିଲେ ନେତି ନେତି ।

'ପରମ ଅନୁରକ୍ତି' ହିଁ ଭକ୍ତି । ସୂତ୍ରରେ ସେ ଈଶ୍ୱର ଶବ୍ଦ ବ୍ୟବହାର କରିଛନ୍ତି ।

ଯାହା ପରବର୍ତ୍ତୀ କାଳରେ ମାଦଳା ପାଞ୍ଜିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ 'ପରମ' ଶବ୍ଦ ଯୁକ୍ତ ହୋଇ 'ପରମେଶ୍ୱର' ଶବ୍ଦ ବ୍ୟବହୃତ ହୋଇଅଛି ।

ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କର- ସ୍ନେହ ହିଁ ଭକ୍ତି, ଶ୍ରୀବେଦାନ୍ତଦେଶିକଙ୍କର ଅତିଶୟ ପ୍ରେମ ହିଁ ଭକ୍ତି, 'ଶ୍ରୀଶଙ୍କରାଚାର୍ଯ୍ୟଙ୍କର- ସମସ୍ତ ପ୍ରାଣୀଙ୍କ ଠାରେ ଏକ ପରମାତ୍ମା ଜାଣି ତାଙ୍କୁ ପ୍ରେମ କରିବା ହିଁ ଭକ୍ତି ବୋଲି ଘୋଷଣା ହୋଇଥିଲେ ମଧ୍ୟ ଶାଣ୍ଡିଲ୍ୟଙ୍କର 'ପରମ ଅନୁରକ୍ତି' ରହସ୍ୟକୁ ଭେଦ କରିପାରି ନାହିଁ । ଶ୍ରୀଜଗନ୍ନାଥଙ୍କ ପ୍ରତି ଅନୁରକ୍ତି ହିଁ ଭାବରାଜ୍ୟରେ 'ଭକ୍ତି'କୁ ଜନ୍ମ ଦେଇଥାଏ, ଯେଥିରେ ଦ୍ୱିମତ ନାହିଁ ??

ଶ୍ରୀଜଗନ୍ନାଥ ହିଁ ଶାସ୍ତ୍ର ରୂପରେ ଅବତୀର୍ଣ୍ଣ ହୋଇଛନ୍ତି, ମହର୍ଷିଙ୍କର ଏହି ସିଦ୍ଧାନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ୫୦୦ ବର୍ଷ ତଳେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଆଭିମୁଖ୍ୟ ସହିତ ସାମ୍ୟ ରଖୁଛି । ଓଡ଼ିଶାରେ ସେ ଭାଗବତଗାଦୀରେ ଭାଗବତ ପୋଥି ଓ ଏକକ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଉପାସନା ପ୍ରଚଳନ କରାଇ ପ୍ରକାରାନ୍ତରରେ ଶାସ୍ତ୍ର ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକ ସମୀକରଣ ସୃଷ୍ଟି କରିଥିଲେ ।

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାଡେଣୀ ଗଳି, ପୁରୀ-୧

# ଫଟୋରେ ଖବର...





ତା. ୮.୨.୨୧ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୫ଟି ସଚିବ ଶ୍ରୀଯୁକ୍ତ ଭି.କେ ପାଣ୍ଡିଆନ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. କ୍ରିଷନ୍ କୁମାର ଏବଂ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୮.୧.୨୧ରେ ପୌଷ ପୂର୍ଣ୍ଣିମା ଅବସରରେ ଶ୍ରୀନଅର ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ 'ପୁଷ୍ୟାଭିଷେକ ନୀତି' ସମ୍ପନ୍ନ କରାଯାଉଛି ।



ତା. ୯.୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଜିକାରଙ୍କ ସହ 'ବୃତ୍ତାନ୍ତ ସମନ୍ୱୟ' ବୈଠକ ।




ତା. ୧୫.୨.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ ।



ତା. ୧୬.୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଛତିଶା ନିଯୋଗ ନାୟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. କ୍ରିଷନ୍ କୁମାର, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଜନୈକ ଦାତା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ସୁବର୍ଣ୍ଣ ଅଳଙ୍କାର ଦାନ କରିଛନ୍ତି ।

## ତା. ୧୫.୨.୨୧ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦିତ ହୋଇଥିବା 'ଶ୍ରୀଜଗନ୍ନାଥ ଐତିହ୍ୟ କରିଡ଼ର ପ୍ରକଳ୍ପ'ର ବିଭିନ୍ନ ଚିତ୍ର....

















# ମା' ଲକ୍ଷ୍ମୀଠାକୁରାଣୀ ହାରିଗଲେ

ପଞ୍ଚସଖାଙ୍କ ମଧ୍ୟରୁ କୃପାସିନ୍ଧ ବଳରାମ ଦାସ ଜଣେ କିମ୍ବଦନ୍ତୀ ପୁରୁଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାପ୍ରଭୁଙ୍କ କୃପାଲାଭ କରି ଦାସେ ନାନା ଅଲୌକିକ କାହାଣୀମାନ ରଚନା କରିଛନ୍ତି । ଉତ୍କଳର ପୁରପଲ୍ଲୀରେ ପ୍ରଚଳିତ ମାଣବସା ବା ଲକ୍ଷ୍ମୀପୁରାଣ ତାଙ୍କରି ରଚନା । ବାହାରୁ ଦେଖିଲେ ଜଣାଯାଏ ସେ ମା' ଲକ୍ଷ୍ମୀଙ୍କର ଜଣେ ଅମାନିଆ ଭକ୍ତ । ଅଝଟ ପିଲାଭଳି ମା'ଙ୍କ ସାଥିରେ ଯୁକ୍ତିତର୍କ କରନ୍ତି । ସେ କହନ୍ତି ମୁଁ ଦ୍ୱାପର ଯୁଗର ଅନିରୁଦ୍ଧଙ୍କ ପୁଅ । ମାଆ ମୋର ଜେଜେ ମାଆ । ତାଙ୍କ ସାଥିରେ ଥଟ୍ଟାମଜା କରିବାର ଅଧିକାର ମୋର ରହିଛି । ମୋ ମହାପ୍ରଭୁଙ୍କୁ ଏକାନ୍ତ ଆପଣାର ଭାବି ସାଆନ୍ତାଣୀ ମା ଭକ୍ତମାନଙ୍କ ଗୁହାରି ଶୁଣିବାକୁ ଛାଡ଼ି ଦେଉନାହାନ୍ତି । ଟେରେଇ ଚାହାଣୀରେ ଭକ୍ତମାନଙ୍କୁ ଦେଖୁଛନ୍ତି । ମୁଁ ତାଙ୍କୁ ଟେରୀ ବୋଲି ସମ୍ବୋଧନ କଲେ ବିଗିଡ଼ି ଯାଉଛନ୍ତି । ମହାପ୍ରଭୁ ତ ଭକ୍ତର ଜୀବନ ଧନ । ବାଛୁରୀ ପଛରେ ଗାଈ ହମ୍ବାରଡ଼ି ଦେଇ ଧାଇଁବା ପରି ସେ ଭକ୍ତ ପଛେ ପଛେ ଚାଲିଥାନ୍ତି । ଟେରୀ ତାଙ୍କୁ ଭକ୍ତମାନଙ୍କ ପାଖରୁ ଦୂରେଇ ରଖିବାକୁ ଯେତେ ଚେଷ୍ଟା କଲେ ତାହା କ'ଣ ସମ୍ଭବ ହେବ ? ବାସ୍ତବ କ୍ଷେତ୍ରରେ ଏମିତି ଘଟଣା ଘଟିଲା, ପଞ୍ଚସଖାଏ ଶ୍ରୀକ୍ଷେତ୍ର ଛାଡ଼ି ଦୂରକୁ ଚାଲିଗଲେ । ଅଚ୍ୟୁତାନନ୍ଦ ଗଲେ ନେମାଳ ଗାଁକୁ, ଯଶୋବନ୍ତ ଗଲେ ନାଇଲୋ ଅଡ଼ଙ୍ଗକୁ । ଅନନ୍ତ ଗଲେ ବାଲିଅନ୍ତାକୁ ଏବଂ ଜଗନ୍ନାଥ ଦାସ ଶ୍ରୀକ୍ଷେତ୍ରର ଚଉହଦୀ ପାର ହୋଇ ସାଧନା କଲେ ସମୁଦ୍ର ଭିତରେ ସାତଲହଡ଼ି ମଠରେ । ଦିନେ ଲକ୍ଷ୍ମୀ ନାରାୟଣଙ୍କ ଏକାନ୍ତ ଅବସରରେ ବଳରାମ ଦାସ କ୍ଷେତ୍ର ବାହାରକୁ ଯିବାର ପ୍ରତିବାଦ କଲେ । ମହାଲକ୍ଷ୍ମୀ ରୁଷ୍ଟ ହୋଇ କହିଲେ ମୁଁ ଅଭିଶାପ ଦେଉଛି ତୋର ଅନ୍ତକାଳ ଶ୍ରୀକ୍ଷେତ୍ରର ପବିତ୍ର ମାଟିରେ ହୋଇପାରିବ ନାହିଁ । ଶ୍ରୀକ୍ଷେତ୍ର ବାହାରେ ରହି ତୁ ଶେଷ ନିଶ୍ୱାସ ତ୍ୟାଗ କରିବୁ । ଏ କଥାକୁ



ବଳରାମ ଦାସ ହସି ଉଡ଼ାଇ ଦେଇ କହିଲେ ଦେଖିବା ଟେରୀ କଥା ସତ ନା ମିଛ ! ବହୁତ ଦିନ ପରେ ଜୀବନର ଅପରାହ୍ନରେ ନିର୍ଦ୍ଧୁମ ଖରାବେଳେ ବଳରାମ ଦାସ ଚାଲି ଚାଲି ଆସୁଥାନ୍ତି ଶ୍ରୀକ୍ଷେତ୍ରକୁ । ସମଗରା ପାଟର ତାତିଲା ବାଲିରେ ପାଦ ସିଝି ଯାଉଥାଏ । ଆଉ ଚାଲି ନ ପାରି ସେଇ ତାତିଲା ବାଲି ଉପରେ ଶୋଇଗଲେ । ଦୂରରୁ ନୀଳଚକ୍ରର ପତିତପାବନ ବାନାକୁ ଚାହିଁ ଥର ଥର କଣ୍ଠରେ ଡାକିଲେ ପ୍ରଭୁ ଦେଖାଦିଅ । ଅନ୍ତିମ କାଳରେ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରି ମୁଁ ଏଇଠି ଦେହ ଛାଡ଼ିବି । ମହାପ୍ରଭୁଙ୍କ ରତ୍ନସିଂହାସନ ଟଳମଳ ହେଲା । ମା' ମହାଲକ୍ଷ୍ମୀଙ୍କୁ ଡାକି ମହାପ୍ରଭୁ କହିଲେ ଚାଲ ମହାଲକ୍ଷ୍ମୀ ସମଗରା ପାଟରେ ବଳରାମ ଦାସ ଡାକୁଛି । କୌତୁହଳବଶତଃ ମହାଲକ୍ଷ୍ମୀ, ମହାପ୍ରଭୁଙ୍କ ସହ ବାହାରିଗଲେ । ସମଗରା ପାଟର ବାଲିରେ ଗଡ଼ ଘାଲି ପଡ଼ିଥିବା ବଳରାମ ଦାସଙ୍କୁ ଦେଖି ଦୂରରୁ ସମ୍ବୋଧନ କରି କହିଲେ 'ଆରେ ବଳିଆ ଦାସ, ମୋ କଥା ସତ ହେଲା ନା ? କରପତ୍ର ଯୋଡ଼ି ମସ୍ତକ ଉଠାଇ କ୍ଷୀଣ କଣ୍ଠରେ ବଳରାମ ଦାସ ଉତ୍ତର ଦେଲେ ମୋ ଲକ୍ଷ୍ମୀନାରାୟଣ ଯେଉଁଠି ସେଇଠି ତ ମୋର ଶ୍ରୀକ୍ଷେତ୍ର, ମର୍ତ୍ତ୍ୟ ବୈକୁଣ୍ଠ । ରଙ୍ଗ ଅଧରରେ ହସ ଉକୁଟାଇ ମହାଲକ୍ଷ୍ମୀଙ୍କ ଆଡ଼କୁ ଚାହିଁ ମହାପ୍ରଭୁ କହିଲେ ମହାଲକ୍ଷ୍ମୀ, ଅନ୍ତିମବେଳାରେ ବଳରାମ ଦାସର ଯୁକ୍ତିରେ ତୁମେ ହାରିଗଲ ।

*ଶ୍ରୀ ଶଂକର୍ଷଣ ମହାରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*



ତା. ୧୫.୨.୨୧ରେ ଶ୍ରୀଜଗନ୍ନାଥ ଐତିହ୍ୟ କରିଡ଼ର ପ୍ରକଳ୍ପର ନଥି ମହାପ୍ରଭୁଙ୍କ ପାଖରେ ସମର୍ପିତ ହୋଇସାରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. କ୍ରିଷନ୍ କୁମାର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ଗହଣରେ ତାହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦନ ନିମନ୍ତେ ନିଆଯାଇଛି ।

## ମାର୍ଚ୍ଚ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୯.୩.୨୧ ରିଖ ମଙ୍ଗଳବାର | ପଙ୍କୋଦ୍ଧାର ଏକାଦଶୀ |
| ତା. ୧୧.୩.୨୧ ରିଖ ବୁଧବାର | ମହାଶିବରାତ୍ରି |
| ତା. ୧୪.୩.୨୧ ରିଖ ଗୁରୁବାର | ମୀନ ସଂକ୍ରାନ୍ତି |
| ତା. ୨୩.୩.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚନ୍ଦେରୀ ବେଶ |
| ତା. ୨୪.୩.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଦୋଳଯାତ୍ରା ଆରମ୍ଭ |
| ତା. ୨୫.୩.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ |
| ତା. ୨୭.୩.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ରାଜାଭ୍ୟୁତ୍ସବ ବା ମେଣ୍ଢାପୋଡ଼ି |
| ତା. ୨୮.୩.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜା ବେଶ |
| ତା. ୨୯.୩.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ହୋଲି |

ସୌଜନ୍ୟ- OMC ODISHA

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Mob. : 94370-22145**

ମୂଲ୍ୟ : ଦୁଇଟଙ୍କା ମାତ୍ର